CAREERS360

# ODISHA BOARD 10th
# ODIA
# (PART-1)
# 2014

## SAMPLE PAPER

**SAMPLE**

[No. of Questions : 5o]
[No. of Printed Pages : 06 ]

**Booklet Sl.No........................**

| PART-I |
|---|
| FL-ODIA |

**Roll No. of the Candidate**

| | | | | | | | |
|---|---|---|---|---|---|---|---|
| | | | | | | | |

**SET : A**

*Time : 1 Hour*
*Full Marks : 50*

| REGULAR |
|---|
| AR-01 |

| 2014 |
|---|
| AH |

| PART-1 |
|---|
| OBJECTIVE |

**ପରୀକ୍ଷା ସରିବାପରେ ଏହି ପ୍ରଶ୍ନପତ୍ର ପୁସ୍ତିକାଟିକୁ ପରୀକ୍ଷାର୍ଥୀମାନେ ସାଥିରେ ନେଇଯିବେ ।**

### ପରୀକ୍ଷାର୍ଥୀଙ୍କ ନିମନ୍ତେ ସୂଚନା :

୧. ଏହି ପ୍ରଶ୍ନପତ୍ର ପୁସ୍ତିକାରେ ୫୦ ଟି ବହୁ ବିକଳ୍ପ ପ୍ରଶ୍ନ ରହିଛି ।

୨. ପ୍ରତ୍ୟେକ ପ୍ରଶ୍ନର ଚାରୋଟି ଉତ୍ତର ଦିଆଯାଇଛି , ସେଥି ମଧ୍ୟରୁ ଗୋଟିଏ ଠିକ୍ ।

୩. ପ୍ରତ୍ୟେକ ପ୍ରଶ୍ନର ଠିକ୍ ଉତ୍ତରଟିକୁ ବାଛି OMR ଉତ୍ତର ଫର୍ଦ୍ଦରେ ସଂପୃକ୍ତ ବୃତ୍ତଟିକୁ କଳା / ନୀଳ ବଲ ପଏଂଟ କଲମ ଦ୍ୱାରା ସମ୍ପୂର୍ଣ୍ଣ କଳା ,ନୀଳ କର । କେବଳ ଗୋଟିଏ ବୃତ୍ତକୁ କଳା କର ଦୁଇଟି ବା ଅଧିକ ବୃତ୍ତକୁ କଳା କରିଥିଲେ ତାହା ଗ୍ରହଣ ଯୋଗ୍ୟ ହେବନାହିଁ ।

୪. ଆଂଶିକ ନୀଳ /କଳା କରାଯାଇଥିଲେ ତାହାକୁ ଗ୍ରହଣ କରାଯିବ ନାହିଁ କି ମୂଲ୍ୟାୟନ କରାଯିବ ନାହିଁ ।

୫. OMR ଉତ୍ତର ଫର୍ଦ୍ଦ ଗୁଡିକୁ କମ୍ପୁଟର ଦ୍ୱାରା ମୂଲ୍ୟାୟନ କରାଯିବ ।

୬. OMR ଫର୍ଦ୍ଦରେ କୌଣସି ଦାଗ ଲାଗିଥିଲେ, ଚିରା ଫଟା ଥିଲେ, ମୋଡି ମକଚି ହୋଇଥିଲେ ତାହାକୁ ତତ୍‌କ୍ଷଣାତ୍ ପରୀକ୍ଷା ଦାୟିତ୍ୱରେ ଥିବା ନିରୀକ୍ଷକଙ୍କୁ ଫେରାଇ ଆଉ ଗୋଟିଏ ଠିକ୍ OMR ଉତ୍ତର ଫର୍ଦ୍ଦ ମାଗିନିଅ ।

୭. ଏହି ପ୍ରଶ୍ନ ପତ୍ର ପୁସ୍ତିକାରେ ଥିବା ପୃଷ୍ଠାସଂଖ୍ୟା ପ୍ରଶ୍ନସଂଖ୍ୟା, ସେଟ୍ କୋଡ୍ ଆଦି ଭଲଭାବେ ମିଳାଇ ଦିଅ । ଯଦି କୌଣସି ମୁଦ୍ରଣ ଆଥବା ଯାନ୍ତ୍ରିକ ତ୍ରୁଟି ଥାଏ ତେବେ ତାହାକୁ ଫେରାଇ ଆଉ ଗୋଟିଏ ପ୍ରଶ୍ନ ପତ୍ର ସଙ୍ଗେ ସଙ୍ଗେ ମାଗିନିଅ ।

୮. ପ୍ରଶ୍ନପତ୍ର ପୁସ୍ତିକାରେ କେବଳ ରୋଲ ନମ୍ବର ଲେଖ । ରଫ କରିବାସ୍ଥାନ ବ୍ୟତୀତ ଅନ୍ୟ କୌଣସି ପୃଷ୍ଠାରେ ଲେଖାଲେଖି କରନାହିଁ , ଯାହାକି ଦଣ୍ଡନୀୟ ଅପରାଧ ।

୯. କେବଳ କଳା /ନୀଳ ବଲପଏଣ୍ଟ କଲମ ବ୍ୟତୀତ ଅନ୍ୟ କୌଣସି ଜିନିଷ ପରୀକ୍ଷା ଗୃହକୁ ନିଅ ନାହିଁ ।

୧୦. ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ ୧୯୮୮ ଅନୁସାରେ ପରୀକ୍ଷା ଗୃହରେ ଶାନ୍ତି ଶୃଙ୍ଖଳା ରକ୍ଷା କର ।

୧୧. ପରୀକ୍ଷା ଶେଷ ହେବା ପୂର୍ବରୁ ପରୀକ୍ଷାର୍ଥୀ ପରୀକ୍ଷା ଗୃହ ଛାଡି ପାରିବେ ନାହିଁ ।ପରୀକ୍ଷା ଶେଷରେ OMR ଉତ୍ତର ଫର୍ଦ୍ଦଟି ନିରୀକ୍ଷକଙ୍କୁ ହସ୍ତାନ୍ତର କରି ପରୀକ୍ଷା ଗୃହ ଛାଡିବେ ।

### INSTRUCTIONS TO THE CANDIDATE :

1. The question booklet contains 50 multiple choice questions.

2. Each question has been provided with 4 (Four) answers. Only one is correct among them.

3. Find out the correct answer and darken the appropriate circle in the O.M.R. Answer Sheet, using black/ blue ball point pen. Please darken only one circle. Darkening of more than one circle will lead to rejection of the answer. For example, if the answer is "B", darken the circle below "B" in the O.M.R. Answer Sheet.

4. Partly/ incompletely darkened circles will not be accepted and shall not be evaluated.

5. The O.M.R. Answer Sheet is to be evaluated by Computer.

6. If the O.M.R. Answer Sheet is stained, torn, crumpled, mutilated or distorted/ not properly printed in any manner; or otherwise appears defective; the same is to be returned immediately to the invigilator without any delay and a fresh O.M.R. Answer Sheet obtained.

7. Please carefully verify the numbers of pages in the question booklet, numbers of questions, Set Code etc. If you find any technical or printing related defect; please return the question booklet to the invigilator immediately and obtain a fresh question booklet.

8. Write your Roll No. on the question booklet only. Do not write/ scribble any thing on any part of the question booklet; except in the space provided for rough work. Violation of this instruction, is a culpable offence.

9. Do not bring anything except black/blue ball point pen, to the examination hall.

10. Maintain peace and discipline in the examination hall as per the provisions of Odisha Conduct of Examination Act, 1988.

11. No examinee can leave the examination hall before completion of examination. Please hand over the O.M.R. Answer Sheet to the invigilator, before leaving the examination hall.

## ପ୍ରଥମଭାଷା ଓଡ଼ିଆ (ବିଭାଗ - କ)

ସମୟ-୬୦ ମିନିଟ୍ | ପୂର୍ଣ୍ଣସଂଖ୍ୟା-୫୦

### ନିର୍ଦ୍ଦେଶାବଳୀ

୧. ଏଥିରେ ୫୦ଟି ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ପ୍ରଶ୍ନ ଦିଆଯାଇଛି । ସମସ୍ତ ପ୍ରଶ୍ନର ଉତ୍ତର ଦେବା ବାଧ୍ୟତାମୂଳକ ଅଟେ

୨. ପ୍ରତ୍ୟେକ ପ୍ରଶ୍ନପାଇଁ ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଉତ୍ତର ଫର୍ଦ୍ଦରେ ଥିବା ଗୋଲାକାର ଅଂଶକୁ କଳା ରଙ୍ଗ କର ।

---

1. ମନୁଷ୍ୟ ବହୁ ପରିମାଣରେ କାହାର ଦାସ ବୋଲି ଲେଖକ କହିଛନ୍ତି ?
   (କ)ସମୟ ସ୍ରୋତର (ଖ) ନିଜ ପରିବାରର
   (ଗ) ଗତାନୁଗତିକତାର (ଘ) ଧନସମ୍ପତ୍ତିର

2. ଆଜିକାଲି ସାର ମାଉସୀ ଲେଖକଙ୍କୁ ଗାଆଁରେ ଦେଖି କଣ ପଚାରୁଛି ?
   (କ)କେବେ ଆସିଲବାବୁ ? (ଖ) କେବେ ଆସିଲୁ ବାପା ?
   (ଗ)କେବେ ଆସିଲ ସାର୍ ? (ଘ) କେବେ ଆସିଲୁ ପୁଅ ?

3. ପ୍ରାଚୀନ ଭାରତୀୟ ସଭ୍ୟତାର ଆଦର୍ଶ କ'ଣ ଥିଲା ?
   (କ)ବୈଷୟିକ ଉନ୍ନତି ଓ ଭୋଗ (ଖ)ତ୍ୟାଗ ଓ ଆତ୍ମସଂଯମ
   (ଗ)ନୈତିକ ଉନ୍ନତି ଓ ଜ୍ଞାନ ଆହରଣ (ଘ) ସଂଯମ ଓ ବ୍ରହ୍ମଚର୍ଯ୍ୟ ପାଳନ

4. ଆଧୁନିକ ସଭ୍ୟତାର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଆମ୍ଭେମାନେ କାହାକୁ ଅବଲମ୍ବନ କରିଥାଉ ?
   (କ)ବିଜ୍ଞାନ (ଖ) ଇତିହାସ
   (ଗ) ଧର୍ମ (ଘ) ନଗରବିଜ୍ଞାନ

5. ନିଜକୁ ପ୍ରକାଶ କରିବା ପାଇଁ କେଉଁ ଭାଷା ସବୁଠାରୁ ସହଜ ଓ ସ୍ୱାଭାବିକ ମାଧ୍ୟମ ?
   (କ)ବିଦେଶୀ ଭାଷା (ଖ) ମାତୃଭାଷା
   (ଗ) ଓଡ଼ିଆ ଭାଷା (ଘ) ଇଂରାଜୀ ଭାଷା

6. ଗଣତନ୍ତ୍ରର ମୂଳମନ୍ତ୍ର ହେଉଛି :-
   (କ)ଶିକ୍ଷା (ଖ) ବିଦେଶୀ ଭାଷା
   (ଗ)ଆଞ୍ଚଳିକ ଭାଷା (ଘ) ଇଂରାଜୀ ଭାଷା

7. ସାରା ଭାରତବର୍ଷ ଘୂରିବୁଲି ବିବେକାନନ୍ଦ କେଉଁଠାରେ ପହଁଚିଲା ବେଳକୁ କ୍ଳାନ୍ତ ହୋଇପଡ଼ିଥିଲେ ?
   (କ)ଚିକାଗୋ (ଖ) କନ୍ୟାକୁମାରୀ
   (ଗ)ମାଡ୍ରାସ (ଘ) ରାମେଶ୍ୱର

8. ଶ୍ରୀରାମକୃଷ୍ଣ ନରେନ୍ ଙ୍କଠାରୁ ବିଦାୟ ନେବା ପୂର୍ବରୁ ତାଙ୍କୁ କ'ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ?
   (କ)ଜଗତବାସୀଙ୍କୁ ଭାଷଣ ଦେବାକୁ (ଖ)ଜଗତ ର କଲ୍ୟାଣ ସାଧନ କରିବାକୁ
   (ଗ)ଜଗତରେ ଧର୍ମ ପ୍ରଚାର କରିବାକୁ (ଘ) ଜଗତ ପରିଭ୍ରମଣ କରିବାକୁ

9. କେଉଁଟି କାହ୍ନୁଚରଣଙ୍କର ରଚନା ନୁହେଁ ?
   (କ)ପଳାତକ (ଖ) ଶାସ୍ତି
   (ଗ)ମାଟିମଟାଳ (ଘ) ଝଂଜା

10. ଗୋପାଳଚନ୍ଦ୍ର ପ୍ରହରାଜଙ୍କର କେଉଁ କୃତିଟି ଓଡ଼ିଆ ଭାଷାର କଳା କୋଣାର୍କ ?
(କ)ଭାଗବତ ଟୁଙ୍ଗୀରେ ସନ୍ଧ୍ୟା (ଖ) ପୂର୍ଣ୍ଣଚନ୍ଦ୍ର ଓଡିଆ ଭାଷାକୋଷ
(ଗ)ଆମଘରର ହାଲଚାଲ (ଘ) ବାଇନାନୀଙ୍କ ବୁଢ଼ୁଳି

11. ମାନଗୋବିନ୍ଦ କିଏ ?
(କ)ଦୃଢ଼କ୍ଷ (ଖ) ଅଶ୍ୱସ୍ଥମା
(ଗ)ଦୁର୍ଯ୍ୟୋଧନ (ଘ) ଧୃତରାଷ୍ଟ୍ର

12. ପାଞ୍ଚଗୋଟି ଶିଶୁଙ୍କର କଟାମୁଣ୍ଡ ଦେଖି ଦୁର୍ଯ୍ୟୋଧନ ଦୁଃଖ କଲେ କାହିଁକି ?
(କ) ବଂଶଲୋପ ହୋଇଯିବାରୁ (ଖ)ନିଜ ପୁତ୍ର କଥା ମନେ ପଡିବାରୁ
(ଗ)ଅଶସ୍ତମା ଆସିବାରେ ଡେରି ହେବାରୁ (ଘ)ପାଣ୍ଡବ ଶତ୍ରୁତା କରିବାରୁ

13. ସେତୁ ନିର୍ମାଣ ପାଇଁ ରାମଚନ୍ଦ୍ର କେଉଁ ଦେବତାଙ୍କୁ ପ୍ରସନ୍ନ କରିବାକୁ ଅନଶନ କଲେ ?
(କ)ଅଗ୍ନି (ଖ) ପବନ
(ଗ)ବରୁଣ (ଘ)କୁବେର

14. ଶୁକ, ସାରଣ କେଉଁ ରୂପଧରି ଆକାଶରେ ଉଡିଉଡି ଗଲେ ?
(କ)ହଂସ (ଖ) ବର୍ତ୍ତକ
(ଗ)ବଗ (ଘ)ଗେଣ୍ଡାଳିଆ

15. "ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ୍"- ଏ କଥା କେଉଁ କବିଙ୍କୁ ଲକ୍ଷ୍ୟକରି କୁହାଯାଇଛି ?
(କ)କବିସୂର୍ଯ୍ୟ ବଳଦେବ ରଥ (ଖ) କବିବର ରାଧାନାଥ ରାୟ
(ଗ)ଭକ୍ତକବି ମଧୁସୂଦନ ରାଓ (ଘ) ସ୍ୱଭାବକବି ଗଙ୍ଗାଧର ମେହେର

16. ମୀନଜୀବୀମାନେ ଭାଲେରି ଶିଖରରେ କ'ଣ ଦେଖି କୂଳକୁ ଫେରିଆସନ୍ତି ?
(କ)କୁଆଁତାରା (ଖ) ସଂଧ୍ୟାତାରା
(ଗ)ଚନ୍ଦ୍ର (ଘ) ସୂର୍ଯ୍ୟ

17. କବିତାରେ ବାଲ୍ମୀକି ଆଶ୍ରମର ଧାତ୍ରୀ ବୋଲି କାହାକୁ କୁହାଯାଇଛି ?
(କ)ତମସା (ଖ) ସତୀସୀତା
(ଗ)ଅନୁକମ୍ପା (ଘ) ଉଷାରାଣୀ

18. କବିତାରେ ତିମିର ବିଧ୍ୱଂସି ବୋଲି କାହାକୁ କୁହାଯାଇଛି ?
(କ)ରବି (ଖ) ଉଷା
(ଗ)ଅନୁକମ୍ପା (ଘ) ତମସା

19. "ଜାଗବନ୍ଧନହରା" କବିତାରେ ମରୁପଥରେ କବି କ'ଣ ସୃଷ୍ଟି କରିବାକୁ କହିଛନ୍ତି ?
(କ)ନଦୀ (ଖ) ଝରଣା
(ଗ) ନାଳ (ଘ) ତଟିନୀ

20. ମାଟିମାଆ ଠାରୁ କ'ଣ ନେଇ ନିଜ ଛାତିକୁ ନିଦା କରିବାକୁ କବି କହିଛନ୍ତି ?
(କ)ଅମାପଧୈର୍ଯ୍ୟ (ଖ) ଅମାପଶକ୍ତିରୁ ଟିକିଏମାତ୍ର
(ଗ)ଅମାପ ଶକ୍ତି (ଘ) ଅମାପ ଧୈର୍ଯ୍ୟରୁ ଟିକିଏମାତ୍ର

21. ମଣିଷମାନେ କେଉଁ ପିଞ୍ଜରାରେ ବନ୍ଦ ହୋଇଛନ୍ତି ଆଉ ତାଙ୍କୁ ବନ୍ଦୀ କରିଛି କିଏ ?- ଏ ପ୍ରଶ୍ନଟି କାହାର ?
(କ)ମୁନ୍ନି ମା (ଖ) ମୁନ୍ନା ବାପା
(ଗ)ମୁନ୍ନି (ଘ) ମୁନ୍ନା

22. କାରଖାନାର ଫାଳେ ଏକାଥରେ ଭୁଶୁଡ଼ିପଡ଼ିଛି– ଏକଥା ଜୟଦେବ ବାବୁ କାହାକୁ କହିଛନ୍ତି ?
(କ)ମିଶ୍ରବାବୁ (ଖ) ମୁନ୍ନିମା
(ଗ)ଜୟଦେବଙ୍କ ସ୍ତ୍ରୀ (ଘ) ଗୌରୀ

23. କଳିଙ୍ଗର ରାଜା ଅସୁସ୍ଥହେତୁ ତାଙ୍କ ଅନୁପସ୍ଥିତିରେ କାହାକୁ ରାଜ୍ୟର ଦାୟିତ୍ୱ ଦେବାକୁ ସେ ସମ୍ବାଦ ପଠାଇଥିଲେ ।
(କ)ମହାମନ୍ତ୍ରୀ (ଖ) କୁରୁବକୀ
(ଗ)ରାଜେଶ୍ୱରୀ (ଘ) ସେନାଧ୍ୟକ୍ଷ

24. ଆପଣ କ'ଣ ଇତିହାସ ପୁରୁଷ ! ଏ କଥା କିଏ କହିଛନ୍ତି ?
(କ)କଳିଙ୍ଗସେନା (ଖ) ଅଶୋକ
(ଗ)ରାଜେଶ୍ୱରୀ (ଘ)ଅଙ୍ଗଦଚୌଧୁରୀ

25. ବରଗଛକୁ କାହାର ପ୍ରତୀକ ରୂପେ ଗାଳ୍ପିକ ଗ୍ରହଣ କରିଛନ୍ତି ?
(କ) ସ୍ନେହମୟୀ ଭଗିନୀ (ଖ) ସ୍ନେହମୟୀ ଜନନୀ
(ଗ)ସ୍ନେହୀବନ୍ଧୁ (ଘ) ସ୍ନେହୀଜନକ

26. ପଠିତ ଏକାଙ୍କିକାରେ, 'ଧର୍ମର ଜୟ ସୁନିଶ୍ଚିତ : ତା ନ ହୋଇଥିଲେ ଆମର ଅସ୍ତିତ୍ୱ ନଥାନ୍ତା' – ଏହି କଥା କିଏ କହିଛନ୍ତି ?
(କ)ସୁନ୍ଦ (ଖ)ଉପସୁନ୍ଦ
(ଗ)ଇନ୍ଦ୍ର (ଘ)ଶମନ

27. ମେଘ,ବଜ୍ର, ବିଦ୍ୟୁତ୍ ସମସ୍ତେ ଆମର କିଙ୍କର ଭଳି ସ୍ୱର୍ଗରେ ଅଛନ୍ତିତ ? ଏ କଥା କିଏ କହିଛନ୍ତି ?
(କ)ସୁନ୍ଦ (ଖ)ଉପସୁନ୍ଦ
(ଗ) ସେନାପତି (ଘ)ବିଶ୍ୱକର୍ମା

28. ଦେବତାମାନଙ୍କୁ କିଏ ମହାଅପମାନ ଓ ଦୁଃଖରୁ ରକ୍ଷା କରିଛନ୍ତି ?
(କ)ଶଚୀ (ଖ) ବ୍ରହ୍ମା
(ଗ)ବିଶ୍ୱକର୍ମା (ଘ)ତିଲୋତ୍ତମା

29. ଶାମ୍ବ କେଉଁ ଦେବତାଙ୍କୁ ପୂଜାକରି ଦୁରାରୋଗ୍ୟ କୁଷ୍ଠ ବ୍ୟାଧିରୁ ମୁକ୍ତ ହୋଇଥିଲେ ?
(କ)ଅଶ୍ୱିନୀକୁମାର (ଖ)ଶିବ
(ଗ)ସୂର୍ଯ୍ୟ (ଘ)ବିଷ୍ଣୁ

30. "ଏ ବାରଶ ବଢ଼େଇରେ ଦାୟ ନା ପୁଅରେ ଦାୟ" ଏ କଥା ବିଶୁ ମହାରଣାଙ୍କୁ କିଏ ପଚାରିଛନ୍ତି ?
(କ) ଦ୍ୱିତୀୟଶିଳ୍ପୀ (ଖ) ନରସିଂହ ଦେବ
(ଗ) ଶିବେଇ ସାନ୍ତରା (ଘ) ରକ୍ଷୀ

31. ଗୋଟିଏ ମାତ୍ର ସମାପିକା କ୍ରିୟା ଥିବା ବାକ୍ୟକୁ କି ବାକ୍ୟ କୁହାଯାଏ ?
(କ) ମିଶ୍ର (ଖ) ଯୌଗିକ
(ଗ)ଜଟିଳ (ଘ) ସରଳ

32. ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ଓଡ଼ିଶାରେ କିଏ ନଜାଣେ ? ପ୍ରକାର୍ଯ୍ୟାତ୍ମକ ରୂପଦୃଷ୍ଟିରୁ ଏହା କି ପ୍ରକାର ବାକ୍ୟ ?

(କ) ବିବୃତିସୂଚକ (ଖ) ପ୍ରଶ୍ନସୂଚକ

(ଗ) ଆଦେଶ/ଅନୁରୋଧସୂଚକ (ଘ) ବିସ୍ମୟ ସୂଚକ

33. ଚତୁରଲୋକ ସବୁଠାରେ ଜିତନ୍ତି । ଏଠାରେ ଚତୁର କି ପଦ ?

(କ) ବିଶେଷ୍ୟ (ଖ)କ୍ରିୟା

(ଗ) ବିଶେଷଣ (ଘ) ଅବ୍ୟୟ

34. ବାକ୍ୟରେ ବ୍ୟବହାର କରାଯାଇଥିବା ପଦଗୁଡିକର ପାରସ୍ପରିକ ସମ୍ବନ୍ଧକୁ କ'ଣ କୁହାଯାଏ ?

(କ) ବାକ୍ୟାଂଶ (ଖ) ଯୋଗ୍ୟତା

(ଗ) ଆସତ୍ତି (ଘ) ଆକାଂକ୍ଷା

35. ମାଆ ରାନ୍ଧୁଛନ୍ତି - ଏହା କି ପ୍ରକାର ବାଚ୍ୟ ?

(କ) କର୍ତ୍ତୃବାଚ୍ୟ (ଖ) କର୍ମବାଚ୍ୟ

(ଗ) ଭାବବାଚ୍ୟ (ଘ)କର୍ମ ଓ କର୍ତ୍ତୃବାଚ୍ୟ ଉଭୟ

36. ଜାଣିବାକୁ ଇଚ୍ଛା କରୁଥିବା ଛାତ୍ର ବିଦ୍ୟାଲାଭ କରିବ । ରେଖାଙ୍କିତ ପଦକୁ ସଂକ୍ଷେପ କଲେ କ'ଣ ହେବ ?

(କ) ଜ୍ଞାନବାନ (ଖ) ଜ୍ଞାନୀ

(ଗ) ଜିଜ୍ଞାସୁ (ଘ) ଜାଣିପାରିଥିବା ଛାତ୍ର

37. ପଦମଧ୍ୟରେ 'ନ' ସ୍ଥାନରେ 'ଣ' ହେବାକୁ କ'ଣ କୁହାଯାଏ ?

(କ) ଷତ୍ୱବିଧି (ଖ) ଣତ୍ୱବିଧି

(ଗ) ରୂପାନ୍ତର (ଘ) ସନ୍ଧି

38. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଷତ୍ୱବିଧି ନିୟମର ବ୍ୟତିକ୍ରମ ଅଟେ ?

(କ) ଆବିଷ୍କାର (ଖ) ଗବେଷଣା

(ଗ) ଅନୁସରଣ (ଘ) ନିଷ୍ଫଳ

39. ଅଲଣା କଥା - ଏହା କି ପ୍ରକାର ରୂଢି ?

(କ) କ୍ରିୟାହୀନ (ଖ) କ୍ରିୟାଯୁକ୍ତ

(ଗ) ଉପମାଯୁକ୍ତ (ଘ) ତୁଳନାତ୍ମକ

40. 'ଜନ୍ମରୁ ଚତୁର ବା ସିଆଣିଆ' ଅର୍ଥପ୍ରକାଶ କରୁଥିବା ରୂଢିଟିକୁ ନିମ୍ନରୁ ବାଛ ।

(କ) କୁହାମୁଣ୍ଡା କପିଳା (ଖ) ଖତଗଦାରେ ପଦ୍ମ

(ଗ) ବଣ ବିଛୁଆତି (ଘ) ଓଳିଆରୁ ଗଜା

41. "ଅତି ପରିଚୟେ ଗୌରବ ନଷ୍ଟ" ଏହି ଲୋକବାଣୀଟିର ଅର୍ଥ କ'ଣ ?

(କ) ସାମାନ୍ୟଖରାପ ଅନେକ ଭଲକୁ ନଷ୍ଟ କରେ (ଖ)ବାହାରସୌନ୍ଦର୍ଯ୍ୟଥାଇ ଭିତରେ ଶୂନ୍ୟତା

(ଗ) ଅଧିକ ସମ୍ପର୍କ ବା ମିଳାମିଶାରେ ସମ୍ମାନ ହ୍ରାସପାଏ (ଘ) ଥରେ ଭୁଲହେଲେ ତାକୁ ସୁଧାରି ହୁଏ ନାହିଁ

42. ଶକ୍ତିଶାଳୀ ହିଁ ପ୍ରଭୁତ୍ୱ ବିସ୍ତାର କରେ – ଏହି ଅର୍ଥ ବୁଝାଉଥିବା ଲୋକବାଣୀଟି କ'ଣ ?

(କ) ତନିତୁଣ୍ଡରେ ଛେଳି କୁକୁର (ଖ) ଜୋର ଯାର ମୁଲକ ତାର

(ଗ) ଧରାକୁ ସରା ମଣିବା (ଘ) ଯେସାକୁ ତେସା

43. ପଦ୍ୟ ବା କବିତା ରଚନାର ନିର୍ଦ୍ଦିଷ୍ଟ ନିୟମ ବା ଶୈଳୀକୁ କ'ଣ କୁହାଯାଏ ?

(କ) ଛାନ୍ଦ (ଖ) ଅଳଙ୍କାର

(ଗ) ରୁଢ଼ି (ଘ) ଛନ୍ଦ

44. ଭାଗବତ ବାଣୀର ଗୋଟିଏ ପାଦରେ କେତୋଟି ଅକ୍ଷରଥାଏ ?

(କ) ଆଠ (ଖ) ସାତ

(ଗ) ନଅ (ଘ) ଅଠର

45. ବଙ୍ଗଳାଶ୍ରୀ ଛନ୍ଦରେ କେତୋଟି ପାଦ ଥାଏ ?

(କ) ଦୁଇ (ଖ) ଚାରି

(ଗ) ଛଅ (ଘ) ଆଠ

46. ଉପମାନ ଓ ଉପମେୟ ମଧ୍ୟରେ ଅଭେଦ କଥିତ ହେଲେ କି ଅଳଙ୍କାର ହୁଏ ?

(କ) ଯମକ (ଖ) ରୂପକ

(ଗ) ଉପମା (ଘ) ଉତ୍ପ୍ରେକ୍ଷ

47. ଉତ୍କଳ କମଳା ବିଳାସ ଦୀର୍ଘିକା
ମରାଳ ମାଳିନୀ ନୀଳାମ୍ବୁ ଚିଲିକା

ଏଥିରେ କେଉଁ ଅଳଙ୍କାର ହୋଇଛି ?

(କ) ଯମକ (ଖ) ଶ୍ଳେଷ

(ଗ) ଉପମା (ଘ) ଅନୁପ୍ରାସ

48. ପ୍ରକୃତ ବସ୍ତୁଠାରେ ଅପ୍ରକୃତ ବସ୍ତୁର ତର୍କଣା/ସମ୍ଭାବନା କରାଗଲେ କି ଅଳଙ୍କାର ହୁଏ ?

(କ) ଉତ୍ପ୍ରେକ୍ଷା (ଖ) ରୂପକ

(ଗ)ଶ୍ଳେଷ (ଘ) ଉପମା

49. ଶୁଦ୍ଧ ଶବ୍ଦଟି ବାଛି ଲେଖ ।

(କ) ଶାରିରୀକ (ଖ) ଶାରୀରିକ

(ଗ)ଶାରିରିକ (ଘ) ଶାରୀରୀକ

50. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଠିକ ଶବ୍ଦ ?

(କ) ବିଶର୍ଜନ (ଖ) ବୀଷର୍ଜନ

(ଗ)ବିଷର୍ଜନ (ଘ) ବିସର୍ଜନ